ଇ –ଇନଭଏସିଂ – ଏକ ଦୃଷ୍ଟିପାତ

ଇ –ଇନଭଏସିଂ କଣ ?

କେନ୍ଦ୍ରୀୟ ଜିଏସଟି ନିୟମାବଳୀର ୪୮ (୪) ନିୟମ ଅନୁଯାୟୀ ବିଜ୍ଞାପିତ ଶ୍ରେଣୀର ପଞ୍ଜୀକୃତ ବ୍ୟକ୍ତିମାନେ (ଯେଉଁମାନଙ୍କ ହାରାହାରି ଟର୍ଣ୍ଣଓଭର ୨୦୧୭-୧୮ ପରଠାରୁ ଯେ କୌଣସି ପୂର୍ବ ଆର୍ଥିକ ବର୍ଷରେ ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୋଇଥିବ) । ଇନଭଏସ ରେଜିଷ୍ଟ୍ରେସନ ପୋର୍ଟାଲ (IRP)ରେ Form GST INV-01 ରେ ନିର୍ଦ୍ଧାରିତ ଇନଭଏସ ବିବରଣୀ ପୂରଣକରି ଅପଲୋଡ କରିବେ ଓ ଏକ ଇନଭଏସ ରେଫରେନସ ନମ୍ବର (IRN) ହାସଲ କରିବେ ।

ଉପରୋକ୍ତ ଇ–ଇନଭଏସିଂ ପ୍ରକ୍ରିୟା ଅନୁସରଣ କରିବା ପରେ ବିଜ୍ଞାପିତ ଯୋଗାଣକାରୀ କ୍ରେତାଙ୍କୁ ପ୍ରଦାନ କରିଥିବା ଇନଭଏସ କପି (ଯେଉଁଥିରେ IRN ସହିତ QR କୋଡ଼ ଓ ଅନ୍ୟାନ ବିବରଣୀ ଥିବ) କୁ ସାଧାରଣ ଭାବେ GST ରେ 'ଇ- ଇନଭଏସ' ବୋଲି କୁହାଯାଏ ।

୪୮(୫) ନିୟମ ଅନୁଯାୟୀ ୪୮(୪) ନିୟମରେ ଦିଆଯାଇଥିବା ପଦ୍ଧତି ବ୍ୟତୀତ ଅନ୍ୟ କୌଣସି ପଦ୍ଧତିରେ ଯଦି ଜଣେ ବିଜ୍ଞାପିତ ବ୍ୟକ୍ତି ଇନଭଏସ ପ୍ରଦାନ କରନ୍ତି, ତେବେ ତାହାକୁ ଇନଭଏସ ବୋଲି ବିବେଚନା କରାଯିବାନାହିଁ ।

INV-01 ରେ ଇ- ଇନଭଏସ ପାଇଁ ଏକ ମାନକ ଫର୍ମାଟ ବିଜ୍ଞାପିତ ହୋଇଥିବା । ଏହି ଫର୍ମାଟ (ଯାହାକୁ 'schema' କୁହାଯାଏ) ଯୋଗାଣକାରୀ ଓ କ୍ରେତାଙ୍କ ଏକାଉଣ୍ଟିଂ ସିଷ୍ଟମ ମଧ୍ୟରେ ଏକ ସମନ୍ୱିତ ଇଲେକ୍ଟ୍ରନିକ ବ୍ୟବସ୍ଥାରେ ଇନଭଏସ ଗୁଡିକର ନିରବଛିନ୍ନ ଆଦାନପ୍ରଦାନ କରାଇବାରେ ସହାୟକ ହୋଇଥାଏ ।

ଇ –ଇନଭଏସିଂ – ପଦ୍ଧତି ପ୍ରବାହ (Process Flow)

ଆଜିକାଲି ଅଧିକାଂଶ ବ୍ୟବସାୟିକ ଅନୁଷ୍ଠାନ ସେମାନଙ୍କ ଇନଭଏସ ପ୍ରସ୍ତୁତି ଓ ପରିଚାଳନା ନିମିତ୍ତ ବିଭିନ୍ନ ଏକାଉଣ୍ଟିଂ/ବିଲିଂ/ ଇଆରପି ବ୍ୟବସ୍ଥା ବ୍ୟବହାର କରୁଛନ୍ତି । ଏହି ଇନଭଏସ ଗୁଡିକୁ (JSON ଫର୍ମାଟ) ବର୍ତ୍ତମାନ 'ଇନଭଏସ ରେଜିଷ୍ଟ୍ରେସନ ପୋର୍ଟାଲ (IRP)' ରେ ରିପୋର୍ଟ କରାଯିବ । IRP ଏହି ଡିଜିଟାଲ ଦସ୍ତଖତ ଥିବା ଇନଭଏସ ଗୁଡିକୁ ସ୍ୱତନ୍ତ୍ର 'ଇନଭଏସ ରେଫରେନସ ନମ୍ବର (IRN)' ଓ QR କୋଡ଼ ସହିତ ଫେରାଇଦେବ ।

ଏହାର ଅର୍ଥ ହେଉଛି, ବ୍ୟବସାୟିକ ପ୍ରତିଷ୍ଠାନର ଏକାଉଣ୍ଟିଂ/ଇଆରପି ବ୍ୟବସ୍ଥା ଓ ସରକାରଙ୍କ ଇ-ଇନଭଏସ ବ୍ୟବସ୍ଥା ମଧ୍ୟରେ ଇନଭଏସ ତଥ୍ୟ ଆଦାନ ପ୍ରଦାନ ନିମନ୍ତେ ଏକ ପ୍ରକାର 'ପାରସ୍ପରିକ କଥାବାର୍ତ୍ତା' ହେବ । API ଜରିଆରେ ଏହି ମେସିନ–ମେସିନ ମଧ୍ୟରେ ପାରସ୍ପରିକ କ୍ରିୟା ଓ IRN ନିର୍ଗମନ ବାସ୍ତବରେ ଗୋଟିଏ ସେକେଣ୍ଡରୁ କମ ସମୟ ମଧ୍ୟରେ ହୋଇଥାଏ ।

API ସମନ୍ୱୟର ସମ୍ଭାବ୍ୟ ମାଧ୍ୟମ ନିମ୍ନମତେ ଦିଆଗଲା :

୧. 'API ସହିତ ସିଧାସଳଖ ସମ୍ପର୍କ ଥିବା କମ୍ପାନୀ' ମାଧ୍ୟମରେ: ଯଦି ଜଣେ ଟିକସଦାତା କମ୍ପାନୀ ସହ ବୁଝାମଣା କରିଛନ୍ତି କିମ୍ବା କମ୍ପାନୀର ଇଆରପି ବ୍ୟବହାର କରୁଛନ୍ତି ଓ ସମ୍ପୃକ୍ତ କମ୍ପାନୀର ସିଧାସଳଖ ସମ୍ପର୍କ API ସହିତ ରହିଛି, ତେବେ ସମ୍ପୃକ୍ତ କମ୍ପାନୀ ଜରିଆରେ ସେ API ବ୍ୟବହାର କରିପାରିବେ । ଟିକସଦାତାଙ୍କ GSTIN ତାଙ୍କ ନିଜର username ଓ password ବାହାର କରିବ ଓ ସେ API ସହିତ ସିଧାସଳଖ ସମ୍ପର୍କ ଥିବା କମ୍ପାନୀର client ID ଓ client secret ବ୍ୟବହାର କରି API ସହିତ ସମ୍ପର୍କ ସ୍ଥାପନ କରିପାରିବେ ।

୨. ଇ-ୱେବିଲ API ସହିତ ସମ୍ପର୍କ ଥିବା ଟିକସଦାତା: ଯଦି ଟିକସଦାତାଙ୍କ ସମ୍ପର୍କ ଇ-ୱେବିଲ API ସିଧାସଳଖ ଭାବେ ଅଛି, ତେବେ ସେ ସେହି client ID, client secret, username ଓ password ବ୍ୟବହାର କରି ଇ –ଇନଭଏସ ସିଷ୍ଟମ କୁ ଯାଇ ପାରିବେ ।

୩. GSP ମାଧ୍ୟମରେ: ଟିକସଦାତାଙ୍କ GSTIN ନିଜର username ଓ password ବାହାର କରି ଏବଂ GSP ସହିତ ସମ୍ପର୍କ ସ୍ଥାପନ କରି ଓ GSP ର client ID ଓ client secret ବ୍ୟବହାର କରି API କୁ ଯାଇ ପାରିବ ।

୪. ERP ମାଧ୍ୟମରେ: ଟିକସଦାତାଙ୍କ GSTIN ନିଜର username ଓ password ବାହାର କରି ଏବଂ ERP ସହିତ ସମ୍ପର୍କ ସ୍ଥାପନ କରି ଓ ERP ର client ID ଓ client secret ବ୍ୟବହାର କରି API କୁ ଯାଇ ପାରିବେ ।

କେତେକ ବ୍ୟବସାୟିକ ସଂସ୍ଥା ସେମାନଙ୍କ ନିଜର ଇଆରପି/ଏକାଉଣ୍ଟିଂ ସଫ୍ଟୱେୟାର ନଥାଇ ପାରେ କିମ୍ବା ରିପୋର୍ଟ କରିବା ପାଇଁ ସେମାନଙ୍କ ପାଖରେ ଖୁବ୍ କମ୍ ଇନଭଏସ ଥାଇ ପାରେ । ସେମାନେ ମାଗଣା ଅଫଲାଇନ ୟୁଟିଲିଟି (Bulk generation tool) କୁ ଇ-ଇନଭଏସ ପୋର୍ଟାଲରୁ ଡାଉନଲୋଡ କରି ପାରିବେ । ଏହାକୁ ବ୍ୟବହାର କରି ଇନଭଏସ ତଥ୍ୟକୁ IRN ନିର୍ଗମନ ପାଇଁ ସହଜରେ IRP ରେ ଅପଲୋଡ କରିହେବ । ଇ-ଇନଭଏସ ପୋର୍ଟାଲ 'machine-readable' ଇନଭଏସ JSON ଫର୍ମାଟରେ ଦେଉଥିବାବେଳେ ମଣିଷ ପଢ଼ିପାରୁଥିବା (human-readable) ଇନଭଏସର PDF ନକଲ ବାହାର କରିବାର ମଧ୍ୟ ସୁବିଧା ରହିଛି । ଏହି ନକଲକୁ save, print, e-mail ମଧ୍ୟ କରିହେବ ।

IRN ପାଇ ସାରିବା ପରେ ଇନଭଏସ (QR କୋଡ଼ ସହ) କୁ ଯେଉଁଭଳି ଭାବରେ ବର୍ତ୍ତମାନ କରାଯାଉଛି, ସେହିଭଳି ଭାବେ ଗ୍ରହୀତାକୁ ପ୍ରଦାନ କରିହେବ । (ଦ୍ରଷ୍ଟବ୍ୟ: ସିଷ୍ଟମରୁ ସିଷ୍ଟମ ମାଧ୍ୟମରେ ଇ-ଇନଭଏସର ବିନିମୟ କରିବା ପାଇଁ ଏକ ସମନ୍ୱିତ ବ୍ୟବସ୍ଥା କାଳକ୍ରମେ ଉପଲବ୍ଧ କରାଯିବ)

ଇ-ଇନଭଏସିଙ୍ଗରେ ସମ୍ପୃକ୍ତ ଥିବା ପୁଙ୍ଖାନୁପୁଙ୍ଖ ପ୍ରବାହ ନିମ୍ନମତେ ଦିଆଗଲା :

ଯୋଗାଣକାରୀ	ଇନଭଏସ ରେଜିଷ୍ଟ୍ରେସନ ପୋର୍ଟାଲ	ଜିଏସଟି ସିଷ୍ଟମ
• JSON ପ୍ରସ୍ତୁତ କିମ୍ବା ଗ୍ରହଣ କରିବା ପାଇଁ ବିକ୍ରେତାଙ୍କ ସିଷ୍ଟମ କିମ୍ବା ଅଫଲାଇନ ୟୁଟିଲିଟି ରହିବା ଆବଶ୍ୟକ । • Schema (INV-01) ଅନୁଯାୟୀ JSON ଫର୍ମାଟରେ ଇ- ଇନଭଏସକୁ IRP ରେ ଅପଲୋଡ କରିବେ ।	**IRP** • ତଥ୍ୟ ବିଧିସିଦ୍ଧ କରିବା • IRN ନିର୍ଗମନ • ଇନଭଏସ ପେଲୋଡକୁ GST ସିଷ୍ଟମକୁ ପଠାଇବ ।	• ଜିଏସଟି ସିଷ୍ଟମରେ ସମାନ IRN ରହିବ ନାହିଁ ।
• ଦସ୍ତଖସ୍ତ ହୋଇଥିବା JSON କୁ IRN ଓ ଇ-ୱେବିଲ ସହ (ଯେଉଁଠି ପ୍ରଯୁଜ୍ୟ) ଗ୍ରହଣ କରିବେ ।	**IRP** • ଏକ QR କୋଡ଼ ଲଗାଏ ।	ଜିଏସଟି ସିଷ୍ଟମରେ ଇ-ଇନଭଏସ ତଥ୍ୟ ରଖିଥାଏ ।

ସୁବିଧାସୁଯୋଗ :

ଇ –ଇନଭଏସିଂ ଅଧୀନରେ ଆସୁଥିବା କାଗଜପତ୍ର / ଯୋଗାଣ :

କାଗଜପତ୍ର	ଯୋଗାଣ
ଇନଭଏସ କ୍ରେଡ଼ିଟ ନୋଟ ଡେବିଟ ନୋଟ	ପଞ୍ଜୀକୃତ ବ୍ୟକ୍ତିଙ୍କୁ ହେଉଥିବା ଯୋଗାଣ (B2B) ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (SEZ) କୁ ହେଉଥିବା ଯୋଗାଣ (ଅର୍ଥ ପରିଶୋଧ ହୋଇଥାଉ ବା ନଥାଉ) ରପ୍ତାନୀ (ଅର୍ଥ ପରିଶୋଧ ହୋଇଥାଉ ବା ନଥାଉ) ବିବେଚିତ ରପ୍ତାନୀ (Deemed export) **ଦ୍ରଷ୍ଟବ୍ୟ :** ସମ୍ପ୍ରିତି B2C ଇନଭଏସଗୁଡିକ ଇ–ଇନଭଏସିଂ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଉନାହିଁ ।

ଇ-ଇନଭଏସର ପ୍ରଯୁଜ୍ୟ :

କେଉଁଠି ପ୍ରଯୁଜ୍ୟ	କେଉଁଠି ପ୍ରଯୁଜ୍ୟ ନୁହେଁ
– ଯେଉଁ ପଞ୍ଜୀକୃତ ବ୍ୟକ୍ତିଙ୍କର ହାରାହାରି ଟର୍ଣ୍ଣଓଭର ୨୦୧୭-୧୮ ପରଠାରୁ ଯେକୌଣସି ପୂର୍ବ ଆର୍ଥିକ ବର୍ଷରେ ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୋଇଥିବ (ତତ୍ ସଂଲଗ୍ନ ବିଜ୍ଞାପନ ଅନୁଯାୟୀ) – GSTIN ଥିବା ସରକାରୀ ସଂସ୍ଥା (ଯେଉଁ ଗୁଡିକ ଦ୍ରବ୍ୟ ଓ ସେବା ପ୍ରଦାନ କରିବା ସହ TDS କରିଥାନ୍ତି) କୁ ହେଉଥିବା ଯୋଗାଣ । – ସମାନ PAN ଥାଇ ଦୁଇଟି ଭିନ୍ନ ଭିନ୍ନ GSTIN ମଧ୍ୟରେ ଇନଭଏସ । – ଏସିଜେଡ ଉନ୍ନୟନ ସଂସ୍ଥା ଦ୍ୱାରା ଦିଆଯାଉଥିବା ଇନଭଏସ । – ବିଜ୍ଞାପିତ ବ୍ୟକ୍ତିଙ୍କ ଦ୍ୱାରା ହେଉଥିବା ଯୋଗାଣ ଯେଉଁଥିରେ କି Reverse Charge [ଧାରା ୯(୩) ଅନୁଯାୟୀ] ଲାଗୁ ହେଉଥିବା, ସେପରି ବ୍ୟକ୍ତିଙ୍କ ଦ୍ୱାରା ଜାରି ହେଉଥିବା ଇନଭଏସ	**ଇ–ଇନଭଏସିଂରୁ ମୁକ୍ତ ରହୁଥିବା ସଂସ୍ଥା ବା କ୍ଷେତ୍ର :** ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ୟୁନିଟ (ମୁକ୍ତ ବାଣିଜ୍ୟ ଓ ପଣ୍ୟାଗାର ଅଞ୍ଚଳ ସମେତ), ବୀମା ସଂସ୍ଥା କିମ୍ବା ବ୍ୟାଙ୍କିଙ୍ଗ କମ୍ପାନୀ କିମ୍ବା ଆର୍ଥିକ ସଂସ୍ଥା (ଅଣ- ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ ବା NBFC ସମେତ), ମାଲ ପରିବହନ ସଂସ୍ଥା, ମାଲବାହୀ ଗାଡିରେ ସଡକପଥରେ ମାଲ ପରିବହନ ସମ୍ପର୍କିତ ସେବା ଯୋଗାଣ, ଯାତ୍ରୀ ପରିବହନ ସେବା ଯୋଗାଣକାରୀ, ମଲ୍ଟିପ୍ଲେକ୍ସ ରେ ସିନେମାଟୋଗ୍ରାଫ ଫିଲ୍ମ ପ୍ରଦର୍ଶନ ସମ୍ପର୍କିତ ସେବା (ଦ୍ରଷ୍ଟବ୍ୟ: ଏହି ଛାଡ ସାମଗ୍ରିକ ଭାବେ ସଂସ୍ଥା ପାଇଁ ଲାଗୁ, ଯୋଗାଣ/କାରବାର ପ୍ରକାରଭେଦ ପାଇଁ ନୁହେଁ) । – ଶୂନ୍ୟ ବିବେଚିତ କିମ୍ବା ସମ୍ପୂର୍ଣ୍ଣ ଛାଡ କରାଯାଇଥିବା ଯୋଗାଣ । – ଆର୍ଥିକ / ବାଣିଜ୍ୟିକ କ୍ରେଡିଟ ନୋଟ – ଇନ ସର୍ଭିସେସ ଡିଷ୍ଟ୍ରିବୁଟରଙ୍କ ଦ୍ୱାରା ଜାରି ହୋଇଥିବା ଇନଭଏସ । – ଦରିଆ ମଧ୍ୟ ବିକ୍ରି କିମ୍ବା ବିବାନ୍ଧିତ ପଣ୍ୟାଗାର ମଧ୍ୟରେ ବିକ୍ରି । (High sea sales and bonded warehouse sales) – ଜିଏସଟି ଆଇନ ଅଧିନରେ ପଞ୍ଜୀକୃତ

କେଉଁଠି ପ୍ରଯୁଜ୍ୟ	କେଉଁଠି ପ୍ରଯୁଜ୍ୟ ନୁହେଁ
	ହୋଇନଥିବା ସରକାରୀ ବିଭାଗକୁ ହେଉଥିବା ଯୋଗାଣ । – ଯେଉଁଠି ବିଜ୍ଞାପିତ ବ୍ୟକ୍ତି ଅଣ-ପଞ୍ଜୀକୃତ ବ୍ୟକ୍ତିଙ୍କ ଠାରୁ ଯୋଗାଣ ଗ୍ରହଣ କରିଥାନ୍ତି ରିଭର୍ସ ଚାର୍ଜ ଲାଗୁ ହୁଏ ଧାରା ୯(୪) ଅନୁଯାୟୀ କିମ୍ବା (ii) ସେବା ଆମଦାନୀ ହେଉଥିବା କ୍ଷେତ୍ରରେ ।

ପ୍ରମୁଖ ବୈଶିଷ୍ଟ :

ଇଆରପି ହେଉଛି ଏକ ଭାଲିଡ଼େସନ ପୋର୍ଟାଲ । ଏହି ପୋର୍ଟାଲରେ ବିଧିସିଦ୍ଧି କରାଯିବ । ତେଣୁ ତତକ୍ଷଣତ, ଅର୍ଥାତ ୨୦୦ ମିଲିସେକେଣ୍ଡରୁ କମ ସମୟ ମଧରେ IRN ନିର୍ଗମନ ହୋଇଥାଏ । ଏକକାଳୀନ ଅପଲୋଡ ଗୁଡିକୁ ସୁପରିଚାଳନ କରିବା ପାଇଁ ସର୍ଭର କ୍ଷମତା ଯଥେଷ୍ଟ ରହିଛି । ପୁନଶ୍ଚ, ଇନଭଏସ ପଞ୍ଜୀକରଣ ଜନିତ ଭାରକୁ ବଣ୍ଟନ କରିବା ପାଇଁ ବହୁ ସଂଖ୍ୟକ IRP ଉପଲବ୍ଧ କରାଯିବ ।

IRPରେ ଇ-ଇନଭଏସ ରିପୋର୍ଟ କରିବା ସମୟରେ ଯୋଗଣକରୀଙ୍କ ଦସ୍ତଖସ୍ତ (DSC) ର ଆବଶ୍ୟକତା ନାହିଁ ।

ଇ-ଇନଭଏସ Schema (ଚିଠା) ରେ ୨୯ଟି କ୍ଷେତ୍ର ବାଧତାମୂଳକ । ଅନ୍ୟକ୍ଷେତ୍ରଗୁଡିକ ଇଚ୍ଛାଧୀନ।

ଯେଉଁଠାରେ ଇ–ଇନଭଏସିଂର ଆବଶ୍ୟକତା ରହିଛି ସେଠାରେ ଦ୍ୱିତୀୟ (Duplicate) ବା ତୃତୀୟ (Triplicate) ଇ-ଇନଭଏସ କପି ଜାରି କରାଯିବାର ଆବଶ୍ୟକତା ନାହିଁ [ନିୟମ ୪୮ (୬)] ।

ଯେଉଁଠାରେ ଇ–ଇନଭଏସିଂ ଦରକାର ପଡୁଛି, ସେ କ୍ଷେତ୍ରରେ ମାଲ୍ ପରିବହନ ସମୟରେ ଇ–ଇନଭଏସ୍ ପ୍ରିଣ୍ଟ ନେବା ବାଧତାମୂଳକ ନୁହେଁ । କେନ୍ଦ୍ରିୟ ଜିଏସଟି ନିୟମର 138A(2) ନିୟମ ଅନୁଯାୟୀ, ଯେଉଁଠାରେ ଇ–ଇନଭଏସିଂର ଆବଶ୍ୟକତା ରହିଛି, ସେଠାରେ IRN ଖଚିତ Quick Reference (QR) କୋଡକୁ ପ୍ରପର ଅଫିସରଙ୍କ ଦ୍ୱାରା ଯାଞ୍ଚ ପାଇଁ ଏଲେକ୍ଟ୍ରନିକ ଫର୍ମାଟରେ ଦେଖାଯାଇ ପାରିବ । ଏଠାରେ ସମ୍ପୃକ୍ତ ଟ୍ୟାକ୍ସ ଇନଭଏସର ବାସ୍ତବିକ କପି ଦେଖାଇବା ଦରକାର ନାହିଁ ।

ଇଇନଭଏସ-କୁ କିପରି ଯାଞ୍ଚ କରାଯିବ ?

ଇଇନଭଏସ- ପୋର୍ଟାଲରେ ଦସ୍ତଖସ୍ତ ହୋଇଥିବା JSON ଫାଇଲ କିମ୍ବା ଦସ୍ତଖସ୍ତ ହୋଇଥିବା QR କୋଡ଼ (string)କୁ ଅପଲୋଡ କରି ଜଣେ ଇଇନଭଏସ-ର ସତ୍ୟାସତ୍ୟ ଯାଞ୍ଚ କରିପାରିବେ । **"einvoice1.gst.gov.in >search>verify singed invoice"**

ବିକଳ୍ପ ଭାବେ "verify QR Code" ମୋବାଇଲ ଆପ ମାଧମରେ : ଏହି ଆପକୁ einvoice1.gst.gov.in> Help>Tools>verify QR code App ରୁ ଡାଉନଲୋଡ କରିହେବ ।

IRP ରେ ରିପୋର୍ଟ କରିବା ପାଇଁ କିମ୍ବା IRN ନିର୍ଗମନ ପାଇଁ 'ଡକ୍ୟୁମେଣ୍ଟ ତାରିଖ' (IRP କୁ ଦିଆଯାଉଥିବା ତଥ୍ୟରେ ଥିବା ତାରିଖ) ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ରହିବା ଦରକାର । ଏପରି କ୍ଷେତ୍ରରେ କୌଣସି ଭଲିଡେସନ ଆବଶ୍ୟକତା ନାହିଁ ।

ଗୋଟିଏ ଇନଭଏସରେ ସର୍ବାଧିକ ୧୦୦୦ ସଂଖ୍ୟକ ସାମଗ୍ରୀ (line item) ରିପୋର୍ଟ କରାଯାଇ ପାରିବ, ଭବିଷ୍ୟତରେ ଆବଶ୍ୟକତା ଅନୁଯାୟୀ ଏହାକୁ ବୃଦ୍ଧି କରାଯିବ ।

ଜିଏସଟି ଆଇନ କିମ୍ବା ନିୟମ ଅନୁଯାୟୀ ଇନଭଏସ ଜାରି ନ ଗଲେ କେନ୍ଦ୍ରୀୟ ଜିଏସଟି / ରାଜ୍ୟ ଜିଏସଟି ଆଇନର ଧାରା ୧୨୨ ତଥା କେନ୍ଦ୍ରୀୟ ଜିଏସଟି ନିୟମ ଅନୁଯାୟୀ ଦଣ୍ଡ ବ୍ୟବସ୍ଥା ରହିଛି।

QR Codeରେ ରହିଥିବା ପ୍ରମୁଖ ତଥ୍ୟ

କ. ଯୋଗାଣକାରୀଙ୍କ GSTIN
ଖ. ଗ୍ରହୀତାଙ୍କ GSTIN
ଗ. ଯୋଗାଣକାରୀ ଦେଇଥିବା ଇନଭଏସ ନମ୍ବର
ଘ. ଇନଭଏସ ନିର୍ଗମନର ତାରିଖ
ଙ. ଇନଭଏସରେ ଦିଆଯାଇଥିବା ମୂଲ୍ୟ (ଟିକସଯୋଗ୍ୟ ମୂଲ୍ୟ ଓ ମୋଟ ମୂଲ୍ୟ)
ଚ. ସାମଗ୍ରୀ (line item) ସଂଖ୍ୟା
ଛ. ମୁଖ୍ୟ ସାମଗ୍ରୀ (ଯେଉଁ ସାମଗ୍ରୀର ସବୁଠାରୁ ଅଧିକ ଟିକସଯୋଗ୍ୟ ମୂଲ୍ୟ ଥିବ) ର HSN କୋଡ଼ ।
ଜ. ଅନନ୍ୟ IRN (Unique Invoice Reference Number /hash)
ଝ. IRN ନିର୍ଗମନ ତାରିଖ

ଇଇନଭଏସ-ର ସଂଶୋଧନ / ରଦ୍ଦୀକରଣ

ଏକ ଇନଭଏସକୁ ଆଂଶିକ ଭାବେ ନାକଚ କରିହେବ ନାହିଁ । ଏହାକୁ ସଂପୂର୍ଣ୍ଣ ଭାବେ ରଦ୍ଦ କରିବାକୁ ପଡ଼ିବ । ଏକାଉଣ୍ଟିଂ ଷ୍ଟାଣ୍ଡାର୍ଡ ଓ ଅନ୍ୟାନ୍ୟ ପ୍ରଯୁଜ୍ୟ ନିୟମ / ନିୟନ୍ତ୍ରଣ ବ୍ୟବସ୍ଥା ଅନୁଯାୟୀ ଇନଭଏସ ଗୁଡିକରେ ରଦ୍ଦୀକରଣ ହୋଇଥାଏ ।

IRPରେ ରିପୋର୍ଟ କରାଯାଇଥିବା IRN କିମ୍ବା ଇନଭଏସକୁ ୨୪ ଘଣ୍ଟା ମଧ୍ୟରେ ରଦ୍ଦ କରାଯାଇପାରିବ । IRN ରଦ୍ଦୀକରଣ କ୍ଷେତ୍ରରେ GSTR-1 କୁ ସେହି ଅନୁଯାୟୀ (ରଦ୍ଦୀକରଣ ସହ) ଅପଡେଟ କରିବାକୁ ପଡ଼ିବ । ତେବେ ଏ ସମ୍ପର୍କୀତ କୌଣସି ଇ-ୱେ ବିଲ ଯଦି ସକ୍ରିୟ (active) ଥାଏ କିମ୍ବା ଟ୍ରାନଜିଟରେ ଥିବା ବେଳେ କୌଣସି ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ହୋଇଥାଏ, ତେବେ ଏ କ୍ଷେତ୍ରରେ IRNର ରଦ୍ଦୀକରଣକୁ ଅନୁମତି ଦିଆଯାଇ ପାରିବ ନାହିଁ ।

ରଦ୍ଦୀକରଣ ସମୟ ସୀମା ଶେଷ ହୋଇଯିବା ପରେ IRP ରେ ରିପୋର୍ଟ କରାଯାଇଥିବ ଇନଭଏସ ତଥ୍ୟରେ ଯେକୌଣସି ସଂଶୋଧନ GST ପୋର୍ଟାଲରେ GSTR-1 ଦାଖଲ ସମୟରେ

କରାଯାଇ ପାରିବ । ଯଦି GSTR-1 ଦାଖଲ ହୋଇ ସାରିଥାଏ, ତେବେ GST ପୋର୍ଟାଲରେ ଦିଆଯାଇଥିବା ସଂଶୋଧନ ବ୍ୟବସ୍ଥାକୁ ବ୍ୟବହାର କରିହେବ ।

ତେବେ ଏହି ପରିବର୍ତ୍ତନଗୁଡିକ ସମ୍ପର୍କରେ ସୂଚନା ପାଇଁ ପ୍ରପର ଅଫିସରଙ୍କୁ ସିଷ୍ଟମ ମାଧ୍ୟମରେ ଅବଗତ କରାଯିବ ।

IRN ହେଉଛି ଏକ ସ୍ୱତନ୍ତ୍ର 'ଡୋର' ବା string ଯାହା ଯୋଗାଣକାରୀଙ୍କ GSTIN, କାଗଜପତ୍ର ସଂଖ୍ୟା, କାଗଜପତ୍ର ପ୍ରକାର ଓ ଆର୍ଥିକ ବର୍ଷ ଉପରେ ପର୍ଯ୍ୟବେଶିତ । ତେଣୁ ଥରେ ଏକ IRN ରଦ୍ଦ ହୋଇଯିବା ମାତ୍ରେ ସମ୍ପୃକ୍ତ ଇନଭଏସ ନମ୍ବରକୁ ଆଉ ଏକ ଇ-ଇନଭଏସ/IRN ନିର୍ଗମନ ପାଇଁ ବ୍ୟବହାର କରିହେବ ନାହିଁ (**ଏପରିକି ଅନୁମୋଦିତ ରଦ୍ଦୀକରଣ ସମୟ ସୀମା ମଧ୍ୟରେ**) । ଯଦି ଏହାକୁ ପୁଣିଥରେ ବ୍ୟବହାର କରାଯାଏ, ତାହା ନାକଚ ହୋଇଯିବ ।

GSTR1/2A ର ସ୍ୱୟଂ ପୂରଣ ଏବଂ ଇ-ୱେ ବିଲର ସ୍ୱୟଂ ନିର୍ଗମନ:

IRP ରେ ଇନଭଏସ ତଥ୍ୟଗୁଡିକୁ ସଫଳତାର ସହ ରିପୋର୍ଟ କରାଯିବା ପରେ IRN ସମେତ ଇନଭଏସ ତଥ୍ୟ ଗୁଡ଼ିକ ଜିଏସଟି ସିଷ୍ଟମରେ ସେଭ ହୋଇଯିବ । ଜିଏସଟି ସିଷ୍ଟମ ଯୋଗନାକାରୀଙ୍କ GSTR-1 ଓ ସମ୍ପୃକ୍ତ ଗ୍ରହୀତାଙ୍କ GSTR-2Aରେ ଏହି ତଥ୍ୟ ଗୁଡ଼ିକୁ ସ୍ୱ ସ୍ୱୟଂକ୍ରୀୟ ଭାବେ ପୂରଣ କରିବ । ସୂତ୍ର ବା source ରେ 'ଇ-ଇନଭଏସ' ଚିହ୍ନିତ ହୋଇଥବା ସହ GSTR-1 ଓ GSTR-2 ରେ IRN ଓ IRN ତାରିଖ ମଧ୍ୟ ଦର୍ଶାଯିବ ।

ଯଦି ଇ-ୱେବିଲର Part-A ଓ Part-B କୁ IRP ରେ ଇନଭଏସ ତଥ୍ୟଗୁଡ଼ିକୁ ରିପୋର୍ଟ କରିବା ସମୟରେ ଦିଆଯାଇଥାଏ, ସେଗୁଡ଼ିକୁ ଇ-ୱେବିଲ ନିର୍ଗମନ ପାଇଁ ବ୍ୟବହାର କରାଯିବ । ଯଦି IRP ରେ ଇନଭଏସ ତଥ୍ୟ ରିପୋର୍ଟ କରିବା ସମୟରେ Part-B ର ତଥ୍ୟ ଦିଆଯାଇ ନଥାଏ, ତେବେ ସେଗୁଡିକୁ IRP ଲଗ ଇନ ରେ କିମ୍ବା ଇ-ୱେବିଲ ପୋର୍ଟଲରେ ଥିବା 'ଇ-ୱେବିଲ' ଟାବରେ ଦିଆଯାଇ ଇ-ୱେବିଲ ନିର୍ଗମନ କରାଯାଇ ପାରିବ ।

ପ୍ରମୁଖ ସ୍ପଷ୍ଟୀକରଣ :

ବର୍ତ୍ତମାନ ଇ-ଇନଭଏସିଙ୍ଗ ଇଚ୍ଛାଧୀନ ନୁହେଁ । ଯେଉଁ ସଂସ୍ଥା ଗୁଡ଼ିକର ନିର୍ଦ୍ଧାରିତ ହାରାହାରି ଟର୍ଣ୍ଣଓଭର ରହିଛି ସେମାନେ କେବଳ ହିଁ IRP ରେ ଇନଭଏସ ରିପୋର୍ଟ କରିପାରିବେ ।

କେତେକ ଶୁଳ୍କ ଯଥା ଗାଡି ଭଡା, ବୀମା, ପ୍ୟାକିଙ୍ଗ ଓ ପଠାଇବା ଖର୍ଚ୍ଚ ଇତ୍ୟାଦି ଜିଏସଟି ଅଧୀନରେ ଟିକସ ଯୋଗ୍ୟ ଅତିରିକ୍ତ ଇ-ଇନଭଏସରେ ଏଗୁଡିକୁ ଏକ ସାମଗ୍ରୀ (line item) ଭାବେ ଦର୍ଶାଯିବ ।

ଇନକମ ଟ୍ୟାକ୍ସ ଆକ୍ଟ, ୧୯୭୯ ଅଧୀନରେ ଯୋଗାଣକାରୀଙ୍କ ଦ୍ୱାରା ସଂଗୃହିତ TCS (Tax Collected at Source) କୁ "Other Charges (Invoice Level)" ଅଧୀନରେ ଦର୍ଶାଯିବ ।

INV-01 Schema କେବଳ ନିର୍ଦ୍ଦିଷ୍ଟ ଇନଭଏସ ତଥ୍ୟଗୁଡ଼ିକୁ IRP ରେ ରିପୋର୍ଟ କରିବ । ଥରେ ପୋର୍ଟାଲରୁ IRN ବାହାରି ସାରିବାପରେ ବ୍ୟବସାୟୀଙ୍କ ସଂସ୍ଥା ମାନେ GST ସହ ସମ୍ପର୍କ ନଥିବା ଅନ୍ୟ ଯେ କୌଣସି ତଥ୍ୟକୁ କ୍ରେତାକୁ ଦେଉଥିବା ଚୂଡ଼ାନ୍ତ ଇନଭଏସରେ ଯୋଗ କରିପାରିବେ ।

ଯେଉଁ ସାମଗ୍ରୀଗୁଡିକ ଜିଏସଟି ପରିସରଭୁକ୍ତ ନୁହେଁ, ସେ କ୍ଷେତ୍ରରେ ଅଲଗା ଇନଭଏସ ଜାରି କରି ହେବ । ଉଦାହରଣ ସ୍ୱରୂପ, ଯେତେବେଳେ ଏକ ହୋଟେଲ B2B ଯୋଗାଣର ଇନଭଏସ ପ୍ରସ୍ତୁତ କରିବ, ଜିଏସଟି ଅଧିନସ୍ଥ ଯୋଗାଣ ମଧ୍ୟରେ ଖାଦ୍ୟ ଓ ପାନୀୟ ରହିଛି ଓ ଜିଏସଟି ବାହାରେ ମଦ ରହିଛି ।

ଇ-ଇନଭଏସ ପୋର୍ଟାଲରୁ ଦସ୍ତଖସ୍ତ ହୋଇଥିବା JSON (IRN/QR କୋଡ଼ ସହ) ପାଇ ସାରିବ ପରେ ଓ ଗ୍ରହିତାଙ୍କୁ ଇନଭଏସର ଏକ ନକଲ ଜାରି କରିବା ସମୟରେ ଯୋଗାଣକାରୀଙ୍କ ଦସ୍ତଖସ୍ତ କିମ୍ବା ଡିଜିଟାଲ ଦସ୍ତଖସ୍ତ ଆବଶ୍ୟକତା କେନ୍ଦ୍ରୀୟ ଜିଏସଟି ନିୟମ, ୨୦୧୭ର ନିୟମ-୪୬ ଅନୁଯାୟୀ ରହିବ ।

ଇ-ଇନଭଏସିଂ ବ୍ୟବସ୍ଥାରେ ମଧ୍ୟ ମାଲ ପରିବହନ ସମୟରେ ଯେତେବେଳେ ବି ଇ-ୱେବିଲ ଦରକାର ପଡ଼ିବ, ସେପରି ଆବଶ୍ୟକତା ବାଧ୍ୟତାମୂଳକ ରହିବ ।

B2C ପରିବର୍ତ୍ତନଶୀଳ (Dynamic) QR କୋଡ଼ ସମ୍ପର୍କରେ

ବିଜ୍ଞପ୍ତି ସଂଖ୍ୟା ୧୪/୨୦୨୦ - ସେଣ୍ଟ୍ରାଲ ଟାକ୍ସ, ତାରିଖ ୨୧.୦୩.୨୦୨୦ (ସଂଶୋଧିତ) ଅନୁଯାୟୀ ୨୦୧୭-୧୮ ପରଠାରୁ ଯେକୌଣସି ପୂର୍ବ ଆର୍ଥିକ ବର୍ଷରେ କୌଣସି ସଂସ୍ଥାର ହାରାହାରି ଟର୍ଣ୍ଣଓଭର ୫୦୦ କୋଟି ଟଙ୍କାରୁ ଅଧିକ ଥିଲେ ସେମାନେ ନିଜର B2C ଇନଭଏସରେ ଏକ ପରିବର୍ତ୍ତନଶୀଳ Quick Response (QR) କୋଡ଼ ରଖିବେ । ବିଜ୍ଞପ୍ତିରେ ଏହା ମଧ୍ୟ କୁହାଯାଇଛି ଯେ, ଏକ ପରିବର୍ତ୍ତନଶୀଳ (Dynamic) QR କୋଡ଼ କୁ ଡିଜିଟାଲ ଡିସପ୍ଲେ ମାଧ୍ୟମରେ କ୍ରେତାଙ୍କ ପାଇଁ ଉପଲବ୍ଧ କରାଯିବ ଓ ଏପରି କରିବା ଦ୍ୱାରା ଇନଭଏସରେ QR କୋଡ଼ ରହିଛି ବୋଲି ଧରାଯିବ ।

ତେବେ ନିୟମ ୪୮(୪) ଅନୁଯାୟୀ କରାଯାଉଥିବା ଇ-ଇନଭଏସିଙ୍ଗରେ ଏହାର କୌଣସି ସମ୍ପର୍କ କିମ୍ବା ପ୍ରଯୁଜ୍ୟତା ନାହିଁ । ଇ-ଇନଭଏସିଙ୍ଗ କେବଳ ବିଜ୍ଞାପିତ ବ୍ୟକ୍ତିମାନଙ୍କ ଦ୍ୱାରା ହେଉଥିବା B2B ଯୋଗାଣ କିମ୍ବା ରପ୍ତାନୀ ପାଇଁ ଉଦ୍ଦିଷ୍ଟ ।

ବାରମ୍ବାର ପଚରାଯାଉଥିବା ପ୍ରମୁଖ ପ୍ରଶ୍ନାବଳୀ (FAQs)

ପ୍ରଶ୍ନ : ଏକ ସରକାରୀ ୱେବସାଇଟରେ ଇନଭଏସ ତଥ୍ୟ ଦାଖଲ କରି IRN ହାସଲ କରିବା ଦରକାର କି ?

ଉତ୍ତର : ନା, ଇ-ଇନଭଏସିଂ କ୍ଷେତ୍ରରେ 'ମସିନରୁ ମେସିନ' ଇନଭଏସ ତଥ୍ୟ ଆଦାନ ପ୍ରଦାନ ପାଇଁ ମୁଖ୍ୟତଃ ବ୍ୟବସ୍ଥା ରହିଛି । (ସାଧାରଣତଃ ଟିକସଦାତଙ୍କ ସିଷ୍ଟମ ଓ IRP ମଧ୍ୟରେ ଏହି ତଥ୍ୟ ଆଦାନପ୍ରଦାନ ହେବ) ।

ଯଦି କୌଣସି ବ୍ୟବସାୟିକ ସଂସ୍ଥାର ERP/ଏକାଉଣ୍ଟିଂ ବିଲିଙ୍ଗ ସଫ୍ଟୱେୟର ନଥାଏ କିମ୍ବା ଖୁବ କମ ଇନଭଏସ ରିପୋର୍ଟ କରିବା ପାଇଁ ଥାଏ, ତେବେ ସେମାନେ ମାଗଣା ଅଫଲାଇନ ଟୁଲ ଡାଉନଲୋଡ କରି ବ୍ୟବହାର କରିପାରିବେ ଏବଂ JSON ଫାଇଲ ସୃଷ୍ଟି କରି IRP ରେ ଅପଲୋଡ କରିପାରିବେ ।

ଭବିଷ୍ୟତରେ ୱେବ ଭିତ୍ତିକ ଓ ମୋବାଇଲ ଆପ ଭିତ୍ତିକ ମଧ୍ୟମମାନ ଉପଲବ୍ଧ ହେବ ।

ପ୍ରଶ୍ନ : ଜଣେ ନିର୍ଦ୍ଦିଷ୍ଟ ଯୋଗାଣକାରୀ ଇ-ଇନଭଏସ (IRN/QR କୋଡ଼ ଥାଇ ଇନଭଏସ) ଜାରିକରିବା ଅବଶ୍ୟକ କି ନୁହେଁ କିପରି ଜଣାଯିବ ?

ଉତ୍ତର : ନିର୍ଦ୍ଧାରିତ ସର୍ତ୍ତାବଳୀ ପୂରଣ କରିବା ପରେ ନିୟମ ୪୮(୪) [IRP ରେ ଇନଭଏସ ତଥ୍ୟ ରିପୋର୍ଟ କରିବା, IRN ହାସଲ କରିବା ଏବଂ QR କୋଡ଼ ଥାଇ ଇନଭଏସ ଜାରି କରିବା] ଅନୁଯାୟୀ ଇ-ଇନଭଏସ ଜାରି କରିବାର ଦାୟିତ୍ୱ ସମ୍ପୃକ୍ତ ଟିକସ ଦାତାଙ୍କର ଅଟେ ।

ତେବେ ଟିକସଦାତାଙ୍କ ସୁବିଧା ପାଇଁ ୨୦୧୭-୧୮ ପରଠାରୁ ଯେଉଁ ଟିକସଦାତାଙ୍କ ଟର୍ଣ୍ଣଓଭର ଯେ କୌଣସି ଆର୍ଥିକ ବର୍ଷରେ ନିର୍ଦ୍ଧାରିତ ଟର୍ଣ୍ଣଓଭର ଠାରୁ ଅଧିକ ହୋଇଥିବ, ସେମାନଙ୍କୁ IRP ରେ ଇନଭଏସ ତଥ୍ୟ ରିପୋର୍ଟ ପାଇଁ ଏନେବଲ କରାଯାଇଛି ।

କୌଣସି GSTIN ର Enablement ଷ୍ଟାଟସ ନିମ୍ନମତେ ଜାଣିହେବ !

https://einvoice1.gst.gov.in/>Search>e-invoice status of taxpayer

GST ସିଷ୍ଟମରେ ରିପୋର୍ଟ କରାଯାଇଥିବା GSTR-3Bରେ ଉଲ୍ଲେଖ ଥିବା ଟର୍ଣ୍ଣଓଭର ଭିତ୍ତିରେ ଏହି ତାଲିକା ପ୍ରସ୍ତୁତ କରାଯାଇଛି । ତେଣୁ ମନେ ରଖିବାକୁ ହେବ ଯେ ଇ-ଇନଭଏସ ପୋର୍ଟାଲରେ Enablement ଷ୍ଟାଟସ ଦେଖାଇଲେ ଯେ ଟିକସଦାତାଙ୍କୁ ଇ-ଇନଭଏସିଙ୍ଗ କରିବାକୁ ପଡିବ, ତାହା ନୁହେଁ । ଯଦି କୌଣସି ଟିକସଦାତାଙ୍କ କ୍ଷେତ୍ରରେ ଇ-ଇନଭଏସିଙ୍ଗ ପ୍ରଯୁଜ୍ୟ ନୁହେଁ, ସେମାନେ Enablement ଷ୍ଟାଟସକୁ ନେଇ ଚିନ୍ତିତ ହେବାର ଆବଶ୍ୟକତା ନାହିଁ ଓ ସେମାନେ ଏହାକୁ ଅଣଦେଖା କରିପାରନ୍ତି ।

ପୁନଶ୍ଚ, ଜିଏସଟି ପୋର୍ଟାଲର "Search Taxpayer" "Know your Supplier" ସେକ୍ସନରୁ ଟିକସଦାତାଙ୍କ ଟର୍ଣ୍ଣଓଭର ବିଷୟରେ ମଧ୍ୟ ଜାଣି ହେବ ।

ନିୟମ ୪୮(୪) ଅନୁଯାୟୀ ଯଦି କୌଣସି ପଞ୍ଜୀକୃତ ଟିକସଦାତାଙ୍କୁ ଇନଭଏସ ପ୍ରସ୍ତୁତ କରିବାର ଆବଶ୍ୟକତା ପଡ଼େ ଓ ସେ ପୋର୍ଟାଲରେ ଏନେବଲଡ଼ ହୋଇନଥାନ୍ତି, ତେବେ ସେ ନିମ୍ନ ପୋର୍ଟାଲରେ Enablement ପାଇଁ ଅନୁରୋଧ କରିପାରିବେ : **Registration > e-Invoice Enablement.**

ପ୍ରଶ୍ନ : ଇ-ଇନଭଏସ ଜାରି ସମୟରେ କ'ଣ ପ୍ରିଣ୍ଟିଂ ହେବା ଦରକାର ?

ପ୍ରିଣ୍ଟିଂ ଆବଶ୍ୟକ	ପ୍ରିଣ୍ଟିଂର ଆବଶ୍ୟକତା ନାହିଁ
ନିୟମ ୪୬/୫୩ ଅନୁଯାୟୀ IRN ଥାଇ QR କୋଡ଼ ସମେତ ସମସ୍ତ ତଥ୍ୟ । **ଦ୍ରଷ୍ଟବ୍ୟ :** ପ୍ରିଣ୍ଟେଡ଼ QR କୋଡ଼ଟି QR କୋଡ଼ ରିଡ଼ର ଦ୍ୱାରା readable ହେବା ପାଇଁ ଯଥେଷ୍ଟ ହୋଇଥିବା ବେଳେ ଏହାର ଆକାର ଓ ଇ-ଇନଭଏସରେ ଏହା କେଉଁଠି ରହିବ ତାହା ସମ୍ପୃକ୍ତ ବ୍ୟବସାୟୀକ ସଂସ୍ଥା ଉପରେ ନିର୍ଭର କରେ ।	ପ୍ରାପ୍ତିସ୍ୱୀକାର ସଂଖ୍ୟା ପ୍ରାପ୍ତିସ୍ୱୀକାର ତାରିଖ ଆଇଆରଏନ IRP ଦେଇଥିବା ଡିଜିଟାଲ ଦସ୍ତଖସ୍ତ

ପ୍ରଶ୍ନ : ଯଦି କୌଣସି ଅଞ୍ଚଳରେ ଇଣ୍ଟନେଟ ସଂଯୋଗରେ ବ୍ୟାଘାତ ସୃଷ୍ଟି ହୁଏ, ତେବେ IRN ହାସଲ କରିବାରେ ଆବଶ୍ୟକତାରେ କୌଣସି କୋହଳ ହେବ କି ?

ଉତ୍ତର : ଏପରି ଅପ୍ରତ୍ୟାଶିତ ଘଟଣା କ୍ଷେତ୍ରରେ କୋହଳ କରାଯିବ ପାଇଁ ଏକ ସ୍ଥାନୀୟ (Localised) ବ୍ୟବସ୍ଥା ରହିଛି । କେନ୍ଦ୍ରୀୟ ଜିଏସଟି ନିୟମ ୪୮(୪)ର ସର୍ତ୍ତ ଅନୁଯାୟୀ "......... ପରିଷଦର ସୁପାରିଶ ଅନୁସାରେ କମିଶନର ଏକ ବିଜ୍ଞପ୍ତି ଜରିଆରେ କୌଣସି ବ୍ୟକ୍ତିଙ୍କୁ କିମ୍ବା ପଞ୍ଜୀକୃତ ବ୍ୟକ୍ତିଙ୍କ ଏକ ବର୍ଗଙ୍କୁ ଏହି ଅଧି ନିୟମ ଅନୁଯାୟୀ ଇନଭଏସ ଜାରି କରିବାରୁ ମୁକ୍ତ କରି ପାରିବେ ଏବଂ ଏହି ବିଜ୍ଞପ୍ତିରେ ନିର୍ଦ୍ଦିଷ୍ଟ ଥିବା ସର୍ତ୍ତାବଳୀ ଓ କଟକଣା ଅନୁସାରେ ଏହା ଲାଗୁହେବ ।"

******